# ODM PUBLIC SCHOOL

**SESSION : 11**
**CLASS : V**
**SUBJECT : ଓଡିଆ**
**CHAPTER NUMBER:03**
**CHAPTER NAME : ଶୁଖିଲା ପତ୍ରର କଥା**
**SUBTOPIC : ବହି ପ୍ରଶ୍ନଉତ୍ତର**

CHANGING YOUR TOMORROW

# LEARNING OBJECTIVE

ବିଷୟବସ୍ତୁ ଆଧାରରେ ଲବ୍ଧଜ୍ଞାନ ପରୀକ୍ଷା

# ପ୍ରଶ୍ନ ୧ -ଆସ କଥାବାର୍ତ୍ତା ହେବା ।

(କ) ପୂର୍ବ କାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ କେଉଁ ସ୍ଥାନକୁ ଯାଉଥିଲେ ?
(ଖ) ପାଠପଢା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ଆଉ କେଉଁ କେଉଁ କାର୍ଯ୍ୟ କରୁଥିଲେ ?
(ଗ) ପାଠପଢା ସରିବା ପରେ ଦୁଇ ଶିଷ୍ୟ ଗୁରୁଙ୍କୁ କ'ଣ ଜଣାଇଲେ ?
(ଘ) କେଉଁ ଜିନିଷ ଦକ୍ଷିଣା ରୂପେ ଦେବା ପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ?
(ଙ) ଗୁରୁ ଦକ୍ଷିଣା ରୂପେ ଏପରି ଜିନିଷ ମାଗିବାର କାରଣ କ'ଣ ଥିଲା ?

ODM PUBLIC SCHOOL

# ଉତ୍ତର

(କ) ପୂର୍ବ କାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ ଗୁରୁକୁଳ ଆଶ୍ରମକୁ ଯାଉଥିଲେ ।

(ଖ)ପାଠପଢା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ହୋମ ପାଇଁ ସମିଧ ସଂଗ୍ରହ, ଗାଈଗୋରୁଙ୍କୁଚରାଇବା,ଆଶ୍ରମବାସୀଙ୍କ ପାଇଁ ଫଳମୂଳ ସଂଗ୍ରହ କରିବା ଆଦି କାର୍ଯ୍ୟ କରୁଥିଲେ।

(ଗ)ପାଠପଢା ସରିବା ପରେ ଦୁଇ ଶିଷ୍ୟ ଗୁରୁଙ୍କୁ ଗୁରୁଦକ୍ଷିଣା ଦେବା ପାଇଁ ଜଣାଇଲେ ।

(ଘ) ଅନ୍ୟ କାହାର ଦରକାରରେ ଆସୁ ନ ଥିବା କେତୋଟି ଶୁଖିଲାପତ୍ର ଦକ୍ଷିଣା ରୂପେ ଦେବା ପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ।

(ଙ) ଜ୍ଞାନଚକ୍ଷୁ ଖୋଲିବା ନିମନ୍ତେ ଗୁରୁ ଏପରି ଜିନିଷ ମାଗିବାର କାରଣ ଥିଲା ।

ODM PUBLIC SCHOOL

# ପ୍ରଶ୍ନ ୨ -ଉତ୍ତର ଲେଖିବା ।

(କ) ବୁଢୀଟି ଶୁଖିଲାପତ୍ର ନେଇ କ'ଣ କରିବ ବୋଲି କହିଥିଲା ?
(ଖ) ଶୁଖିଲାପତ୍ରକୁ କିପରି ବ୍ୟବହାର କରିବ ବୋଲି ଲୋକଟି ଉତ୍ତର ଦେଲା ?
(ଗ) ଶୁଖିଲାପତ୍ର ଔଷଧରେ ପରିଣତ ହେବ ବୋଲି ଶିଷ୍ୟ ଦୁହେଁ ଜାଣିପାରିଲେ କିପରି ?
(ଘ) ମାଆ ପାଇଁ କିପରି ଔଷଧ କିଣିପାରିବ ବୋଲି ଝିଅଟି କହିଲା ?
(ଙ) ପକ୍ଷୀଟି ଶୁଖିଲାପତ୍ର ନେଇ କ'ଣ କଲା ?
(ଚ) ଶୁଖିଲାପତ୍ରକୁ ପିମ୍ପୁଡି କିପରି ବ୍ୟବହାର କରୁଥିବାର ଶିଷ୍ୟ ଦୁହେଁ ଦେଖିଲେ ?

ODM PUBLIC SCHOOL

# ଉତ୍ତର

(କ) ବୁଢୀଟି ଶୁଖିଲାପତ୍ର ନେଇ ଜାଳ କରି ଖୁଦ ମୁଠେ ଜାଉ କରି ଖାଇବ ବୋଲି କହିଲା ।

(ଖ)ଶୁଖିଲାପତ୍ରକୁ ଜାଳି ପାଉଁଶର ସାର କରି କ୍ଷେତରେ ଦେବ ବୋଲି ଲୋକଟି ଉତ୍ତର ଦେଲା ।

(ଗ)ସେ ଲୋକଟି ଯେତେବେଳେ କହିଁଲା,ଶୁଖିଲାପତ୍ରକୁ ଗୁଣ୍ଡ କରି ପାଣିରେ ଫୁଟାଇ ପିଇଲେ ଜ୍ୱର ଭଲ ହୁଏ,ସେତେବେଳେ ଶିଷ୍ୟ ଦୁହେଁ ଶୁଖିଲାପତ୍ର ଔଷଧରେ ପରିଣତ ହେବ ବୋଲି ଜାଣିଲେ ।

(ଘ)ଶୁଖିଲାପତ୍ରକୁ ଖଲି ଓ ଠୋଲା କରି ତାକୁ ବିକ୍ରି କରି,ସେହି ପଇସାରେ ମାଆ ପାଇଁ ଔଷଧ କିଣି ପାରିବ ବୋଲି ଝିଅଟି କହିଲା ।

(ଙ)ପକ୍ଷୀଟି ଶୁଖିଲାପତ୍ରକୁ ନେଇ ବସା ତିଆରି କଲା ।

(ଚ)ଶୁଖିଲାପତ୍ରକୁ ପିମ୍ପୁଡିମାନେ ଆଶ୍ରା କରି ଖାଦ୍ୟକଣିକା ଧରି ପାଣିନାଳର ଏପାରି ରୁ ସେପାରିକୁ ଯାଉଥିବା ଶିଷ୍ୟ ଦୁହେଁ ଦେଖିଲେ ।

# ଗୃହକର୍ମ

ପ୍ରଶ୍ନ ଉତ୍ତର ଖାତାରେ କର ଓ ମନେ ରଖ।

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP